# ସ୍ୱର୍ଗ ଏକ ବାସ୍ତବ ସ୍ଥାନ



ଆଶିଷ୍ ରାଇଟୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୨୦୨୦

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**
All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, India
Phone : +91-80-25452617
Email : bookrequest@apcwo.org
Website : **www.apcwo.org**

## ଆର୍ଥିକ ଭାଗୀଦାରୀ :

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

## ମେଲିଂ ଲିଷ୍ଟ୍ :

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

## ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**A Real Place Called Heaven (Odia)**

# ସ୍ୱର୍ଗ ଏକ ବାସ୍ତବ ସ୍ଥାନ

# ସ୍ୱର୍ଗ ଏକ ବାସ୍ତବ ସ୍ଥାନ

ଡିସେମ୍ବର ୨୫, ୨୦୦୦ ରେ ମୋର ମାତା ଯୀଶୁଙ୍କ ସଙ୍ଗେ ବାସ କରିବା ପାଇଁ ପୃଥିବୀ ପରିତ୍ୟାଗ କରି ଚାଲିଗଲେ । ମୋର ପିତା, ଭଉଣୀ ଓ ମୁଁ, ଏବଂ ଅନ୍ୟ କେତେଜଣ ତାଙ୍କର ଅନ୍ତିମ ସମୟରେ ତାଙ୍କ ଶଯ୍ୟା ନିକଟରେ ରହିଥିଲୁ । ଅପରାହ୍ନ ୪.୩୦ଘ ସମୟ । ସେ ଶ୍ୱାସକ୍ରିୟାରେ ଖୁବ୍ କଷ୍ଟ ଅନୁଭବ କରୁଥିଲେ । ମିଞ୍ଜି ମିଞ୍ଜି ଜଳୁଥିବା ମହମବତୀ ଧୀରେ ଧୀରେ ଲିଭିଗଲା ପରି ତାଙ୍କର ଶ୍ୱାସକ୍ରିୟା କମି କମି ଆସୁଥିଲା । ତାଙ୍କର ଫୁସଫୁସ୍‌ରେ କ୍ୟାନ୍‌ସର ହୋଇଥିଲା, ଏବଂ ଡାକ୍ତରମାନେ ତାଙ୍କୁ ସୁସ୍ଥ କରିବାପାଇଁ ଆଉ କିଛି କରିବାର ନ ଥିଲା । ସେହି ଅନ୍ତିମ ସମୟରେ ତାଙ୍କ ହାତ ଧରି ମୁଁ ଆତ୍ମାରେ ପ୍ରାର୍ଥନା କଲି । ହଠାତ୍ ମୋ ମନକୁ ପ୍ରଭୁ ଯୀଶୁଙ୍କର ବାକ୍ୟ "ମୁଁ ପୁନରୁତ୍‌ଥାନ ଓ ଜୀବନ" ସ୍ମରଣରେ ଆସିଲା । ଏହି ବାକ୍ୟର ପରବର୍ତ୍ତୀ ଅଂଶକୁ ମୁଁ ଜାଣିଥିଲି, କିନ୍ତୁ ତାକୁ ନେଇ ଚିନ୍ତା କରି ନ ଥିଲି । ମୋ' ମାଁ ଯେ ମରିବାକୁ ଯାଉଛନ୍ତି ମୁଁ ତାହା ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲି । ମୁଁ ପ୍ରାର୍ଥନା କଲି, "ଯୀଶୁ, ତୁମେ କହିଛ ଯେ ତୁମେ ପୁନରୁତ୍‌ଥାନ ଓ ଜୀବନ ।" ମୁଁ ବାରମ୍ବାର ଏହି ପ୍ରାର୍ଥନାକୁ ପୁନରାବୃତ୍ତି କଲି । ମୁଁ ଆଶା କରୁଥିଲି କିଛି ଅଲୌକିକ କାର୍ଯ୍ୟ ହେବ ଓ ମୋ' ମାଁ ବଞ୍ଚିଯିବେ । କିନ୍ତୁ କିଛି ମିନିଟ୍ ପରେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଆମ ସମସ୍ତଙ୍କ ଆଖିରୁ ଲୁହ ଝରିବାକୁ ଲାଗିଲା । ତଥାପି ରୁଦ୍ଧ କଣ୍ଠରେ ଆମେ ଗାଇବାକୁ ଚେଷ୍ଟା କଲୁ – "ସେ ପ୍ରଭୁ, ସେ ପ୍ରଭୁ, ସେ ମୃତ୍ୟୁରୁ ଉଠିଛନ୍ତି, ସେ ପ୍ରଭୁ"

ଏହାର କିଛି ଦିନ ପରେ ମୁଁ ମୃତ୍ୟୁ ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ଅନେକ ଶାସ୍ତ୍ରାଂଶ ପାଠକଲି । ମୃତ୍ୟୁ ଓ ସ୍ୱର୍ଗ ବିଷୟରେ ବାଇବଲ ଯାହାସବୁ ଶିକ୍ଷା ଦିଏ ତାହା ବିଶ୍ୱାସ କରିବାକୁ ମୁଁ ନିଷ୍ପତ୍ତି ନେଲି । ଏହି ଶାସ୍ତ୍ରାଂଶସମୂହ ମୋତେ ବଳବାନ୍ କରିଥିଲା, ମୋତେ ସାନ୍ତ୍ୱନା, ଶାନ୍ତି, ସାହସ ଓ ଆଶା ପ୍ରଦାନ କରିଥିଲା । ଏହି ପୁସ୍ତକରେ ସେଥିରୁ କିଛି ଆପଣମାନଙ୍କୁ ସହଭାଗୀ କରାଇବାକୁ ଚାହେଁ । ଆମେମାନେ ସମସ୍ତେ ବିଭିନ୍ନ ସମୟରେ ମୃତ୍ୟୁର ସାମ୍ନା କରିବା ଓ ଆମର କୌଣସି ନା କୌଣସି ପ୍ରିୟଜନମାନଙ୍କୁ ହରାଇବା । ମୋର ପ୍ରାର୍ଥନା ଏହି ଯେ ଈଶ୍ୱରଙ୍କର ଯେଉଁ ବାକ୍ୟ ଆମମାନଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲା, ଆପଣମାନଙ୍କୁ ମଧ୍ୟ ତାହା ଆବଶ୍ୟକ ସମୟରେ ସାନ୍ତ୍ୱନା ଆଣିଦେବ ।

ପ୍ରତ୍ୟେକ ମନୁଷ୍ୟ ଥରେ ମୃତ୍ୟୁଭୋଗ କରେ ବୋଲି ଧର୍ମଶାସ୍ତ୍ର ଶିକ୍ଷାଦିଏ ।

"ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ, ଆଉ ତାହା ପରେ ବିଚାର ନିରୂପିତ ଅଛି" (ଏବ୍ରୀ ୯:୨୭,୨୮ କ) ।

ଏଥିରୁ ସ୍ପଷ୍ଟ ହୁଏ ପୁନର୍ଜନ୍ମ ବୋଲି କିଛି ନାହିଁ । କାରଣ ଜଣେ ବ୍ୟକ୍ତି ବାରମ୍ବାର ଜନ୍ମ ନିଏ ଓ ମରେ ଏବଂ ପୂର୍ବଜନ୍ମର ପାପସବୁର ମାର୍ଜନା ପାଇଁ ସୁଯୋଗ ପାଏ ବୋଲି ପ୍ରଚଳିତ ଧାରଣା ରହିଛି । ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ମାତ୍ର ଜୀବନ ନେଇ ବଞ୍ଚେ ଓ ମୃତ୍ୟୁର ସମ୍ମୁଖୀନ ହୁଏ । ଅବଶ୍ୟ ଏପରି ଏକ ସମୟ ଆସିବ ଯେତେବେଳେ ଅନେକଙ୍କର ବଞ୍ଚିଥିବା ସମୟରେ "ଊର୍ଦ୍ଧ୍ୱାନ୍ତର" ଘଟିବ (୧ଥେସ. ୪:୧୭) ଏବଂ ସେମାନେ ଜୀବିତ ଅବସ୍ଥାରେ ଅନନ୍ତ କାଳରେ ପ୍ରବେଶ କରିବେ ।

ଆମେମାନେ ଅନନ୍ତକାଳ ପର୍ଯ୍ୟନ୍ତ ରହିବା । ଆମର ଅନନ୍ତ କାଳୀନ ଅଂଶ ଆତ୍ମା ଓ ପ୍ରାଣ ଆମର ଶରୀରରୂପକ ଅସ୍ଥାୟୀ ବାସସ୍ଥାନରେ ରହିଥାନ୍ତି । ମୃତ୍ୟୁ ଏକ ବିଚ୍ଛେଦ । ମୃତ୍ୟୁ ସମୟରେ ଆମର ଅନନ୍ତକାଳୀନ ଆତ୍ମା ଓ ପ୍ରାଣ, ଅସ୍ଥାୟୀ ଶରୀରକୁ ଛାଡ଼ି ଚାଲିଯା'ନ୍ତି (ଯାକୁବ ୨:୨୬) ।

ମନୁଷ୍ୟର ଆତ୍ମା ଓ ପ୍ରାଣର ସ୍ଥିତି ସବୁବେଳେ ରହିବ, ହୁଏତ ସ୍ୱର୍ଗରେ ବା ନରକରେ ।

## ଏହି ଜୀବନର ପରବର୍ତ୍ତୀ ଜୀବନ

"ଯୀଶୁ ତାଙ୍କୁ କହିଲେ, ମୁଁ ପୁନରୁତ୍‌ଥାନ ଓ ଜୀବନ; ଯେ ମୋ'ଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ, ପୁଣି ଯେକେହି ବଞ୍ଚେ ଓ ମୋ'ଠାରେ ବିଶ୍ୱାସ କରେ, ସେ କଦାପି କେବେ ହେଁ ମରିବ ନାହିଁ, ଏହା କଅଣ ବିଶ୍ୱାସ କରୁଅଛ ?" (ଯୋହନ ୧୧:୨୫-୨୬) ।

ବାଇବଲକୁ ବିଶ୍ୱାସ କରୁଥିବା ଆମମାନଙ୍କ ନିମନ୍ତେ ମୃତ୍ୟୁ ଯେ ଶେଷ ନୁହେଁ ଏହି ନିଶ୍ଚିତ ବୋଧ ଆମର ରହିଛି । ଯେଉଁମାନେ ଯୀଶୁଙ୍କଠାରେ ବିଶ୍ୱାସ କରି ମରନ୍ତି, ସେମାନେ ବଞ୍ଚିବେ । ଜଣେ ଖ୍ରୀଷ୍ଟ ବିଶ୍ୱାସୀ ମଲେ, ତା'ର ଆତ୍ମା ଓ ପ୍ରାଣ ସ୍ୱର୍ଗକୁ ଯୀଶୁଙ୍କ ନିକଟକୁ ଯାଇ ବାସ କରନ୍ତି । ମନୁଷ୍ୟର ଶରୀର ଜୀବନଶୂନ୍ୟ ଜଣାଯାଏ, କିନ୍ତୁ ସେହି ବ୍ୟକ୍ତି ଜୀବିତ ଥାଏ । ସେ ଅନ୍ୟ ଏକ ଜଗତରେ ବାସ କରେ, ଯେଉଁ ଜଗତକୁ ଆମେ ଦେଖିପାରି ନ ଥାଉ । ଦିନେ, "ଈଶ୍ୱର ଯୀଶୁଙ୍କ ଦ୍ୱାରା ମହାନିଦ୍ରାପ୍ରାପ୍ତ ଲୋକମାନଙ୍କୁ ତାହାଙ୍କ ସଙ୍ଗରେ ଆଣିବେ... ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ" (୧ଥେସ ୪:୧୪, ୧୬) ।

ତେଣୁ ବାଇବଲରେ ମୃତ୍ୟୁକୁ "ମହାନିଦ୍ରା" କୁହାଯାଏ (୧ଥେସ ୪:୧୩-୧୫)। ଆମର ସ୍ୱାଭାବିକ ଦୃଷ୍ଟିକୋଣରୁ ମୃତ ଶରୀର, ନିଦ୍ରିତ ବ୍ୟକ୍ତିର ଶରୀର ପରି ନିଷ୍କ୍ରିୟ ଥିବାରୁ ମୃତ୍ୟୁକୁ ମହାନିଦ୍ରା କୁହାଯାଏ। ଯେତେବେଳେ ସକାଳ ହେବ ଏବଂ "ଧର୍ମରୂପ ସୂର୍ଯ୍ୟ" (ମଲାଖି ୪:୨) ତଥା "ଜଗତର ଜ୍ୟୋତିଃ" ଯୀଶୁ ଆଗମନ କରିବେ, ଯେଉଁମାନେ ମୃତ ଅଟନ୍ତି ସେମାନେ "ମହାନିଦ୍ରା" ରୁ ଉଠିବେ ଓ ନୂତନ ପୁନରୁତ୍‌ଥିତ ଶରୀରସବୁ ଧାରଣ କରିବେ।

ଏହି ଜୀବନ ପରେ- ଉଭୟ ବର୍ତ୍ତମାନ ସମୟରେ ଓ ପୁନରୁତ୍‌ଥାନରେ, ଅନ୍ୟ ଏକ ଜୀବନ ରହିଛି ବୋଲି ଆମେ ନିଶ୍ଚିତ ଥିବାରୁ ଆମେ "ଭରସାହୀନ ଅନ୍ୟ ସମସ୍ତଙ୍କ ପରି ଶୋକାକୁଳ" ହୋଇ ନ ଥାଉ। ଆମେ ନିଃସନ୍ଦେହ ଯେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଥିବା ଆମର ପ୍ରିୟଜନମାନେ ବର୍ତ୍ତମାନ ଜୀବିତ ଓ ସୁଖ ଆନନ୍ଦରେ ରହିଛନ୍ତି। ସେମାନଙ୍କର ପାର୍ଥିବ ଶରୀର ନିଶ୍ଚୟ ପୁନ୍ନରୁତ୍‌ଥିତ ହେବ ଏବଂ ଆମେ ସେମାନଙ୍କୁ ଦେଖିପାରିବା। ଏହି ମୃତ୍ୟୁ ବା ବିଚ୍ଛେଦ ଏକ ଅସ୍ଥାୟୀ ବ୍ୟବସ୍ଥା।

## ପୃଥିବୀରୁ ବିଦାୟ, ସ୍ୱର୍ଗରେ ପ୍ରବେଶ

"କାରଣ ଯଦି ଆମ୍ଭମାନଙ୍କର ଏହି ତମ୍ବୁରୂପ ପାର୍ଥିବ ଗୃହ ଭାଙ୍ଗିଯାଏ, ତେବେ ଈଶ୍ୱରକୃତ ଅହସ୍ତନିର୍ମିତ ଆମ୍ଭମାନଙ୍କର ଏକ ଅନନ୍ତକାଳସ୍ଥାୟୀ ଗୃହ ଯେ ସ୍ୱର୍ଗରେ ଅଛି, ଏହା ଆମ୍ଭେମାନେ ଜାଣୁ। ଯେଣୁ ଆମ୍ଭେମାନେ ତ ଆମ୍ଭମାନଙ୍କ ସ୍ୱର୍ଗୀୟ ଗୃହରୂପ ବସ୍ତ୍ରରେ ପରିହିତ ହେବାକୁ ଏକାନ୍ତ ଇଚ୍ଛା କରି ଏହି ଗୃହରେ ଥାଉ ଥାଉ ଆର୍ତ୍ତନାଦ କରୁଅଛୁ; ଏହିପରି ପରିହିତ ହେଲେ ଆମ୍ଭେମାନେ ଉଲଙ୍ଗ ଦେଖାଯିବା ନାହିଁ। କାରଣ ଆମ୍ଭେମାନେ ଏହି ତମ୍ବୁରେ ବାସ କରି ଭାରଗ୍ରସ୍ତ ହୋଇ ଆର୍ତ୍ତନାଦ କରୁଅଛୁ; ଯେଣୁ ଆମ୍ଭେମାନେ ଯେ ପରିଚ୍ଛଦ ପରିତ୍ୟାଗ କରିବାକୁ ଇଚ୍ଛା କରୁ, ତାହା ନୁହେଁ, ମାତ୍ର ଜୀବନ ଯେପରି ମର୍ତ୍ତ୍ୟକୁ ଗ୍ରାସ କରେ, ଏଥିନିମନ୍ତେ ଏହି ପରିଚ୍ଛଦ ଉପରେ ଅନ୍ୟ ବସ୍ତ୍ର ପରିଧାନ କରିବାକୁ ଆମ୍ଭେମାନେ ଇଚ୍ଛା କରୁଅଛୁ। ଆଉ ଯେ ଏଥିନିମନ୍ତେ ଆମ୍ଭମାନଙ୍କୁ ପ୍ରସ୍ତୁତ କରିଅଛନ୍ତି, ସେ ଈଶ୍ୱର, ସେ ଆମ୍ଭମାନଙ୍କୁ ବଇନାସ୍ୱରୂପେ ଆତ୍ମା ମଧ୍ୟ ଦାନ କରିଅଛନ୍ତି। ଅତଏବ ଆମ୍ଭେମାନେ ସର୍ବଦା ସାହସୀ ଅଟୁ, ଆଉ ଏହି ଶରୀରରେ ଯେପର୍ଯ୍ୟନ୍ତ ନିବାସ କରୁଅଛୁ, ସେପର୍ଯ୍ୟନ୍ତ ଯେ ପ୍ରଭୁଙ୍କଠାରୁ ଦୂରରେ ପ୍ରବାସ କରୁଅଛୁ, ଏହା ଜାଣୁ। (କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନ ଯାପନ କରୁଅଛୁ)। ହଁ, ଆମ୍ଭେମାନେ ସାହସୀ ଅଟୁ, ଆଉ ଶରୀରଠାରୁ ଦୂରରେ ବାସ କରି ବରଂ ପ୍ରଭୁଙ୍କ ନିକଟରେ ନିବାସ କରିବାରେ ଆମ୍ଭମାନଙ୍କର ଅଧିକ ସନ୍ତୋଷ" (୨କରିନ୍ଥୀ ୫:୧-୮)।

ଯେଉଁ ବ୍ୟକ୍ତି ଖ୍ରୀଷ୍ଟଙ୍କଠାରେ ଥାଇ ମରେ ତା'ର ଆତ୍ମା ଓ ପ୍ରାଣ ପୃଥିବୀରୁ ବିଦାୟ ନେଇ ସ୍ୱର୍ଗରେ ପ୍ରବେଶ କରିଥାନ୍ତି । ସେମାନେ ବାସସ୍ଥାନ ପରିବର୍ତ୍ତନ କରିଥାନ୍ତି । ସେମାନେ ପାର୍ଥିବ ନିବାସ ବଦଳରେ ସ୍ୱର୍ଗୀୟ ନିବାସ ପାଇଥାନ୍ତି । ସେମାନେ ପୃଥିବୀ ଛାଡ଼ି ସ୍ୱର୍ଗରେ ପହଞ୍ଚିଥାନ୍ତି । ପାର୍ଥିବ ଗୃହରେ ସେମାନେ "ଆର୍ତ୍ତନାଦ" କରୁଥିଲେ- ସମସ୍ତ ପ୍ରକାର କଠିନତା, ଜୀବନର ଚାପ, ଆହ୍ୱାନ, ତାଡ଼ନା, ରୋଗଦୁଃଖ ଇତ୍ୟାଦି ମଧ୍ୟଦେଇ ଯାଇଥିଲେ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେମାନେ ମଲେ, ସେମାନେ ସବୁକିଛି ଦୁଃଖଦୁର୍ଦ୍ଦଶାକୁ ପଛରେ ଛାଡ଼ିଦେଇ ସ୍ୱର୍ଗରେ ପହଞ୍ଚିଲେ । ସେମାନେ ଏହି ଜଗତ ଛାଡ଼ିଲେ, ଆମମାନଙ୍କଠାରୁ ଦୂରେଇଗଲେ, ସେମାନଙ୍କ ପାର୍ଥିବ ଶରୀରକୁ ପରିତ୍ୟାଗ କଲେ । ତଥାପି ସେମାନେ ଏବେ ସ୍ୱର୍ଗରେ ରହିଛନ୍ତି, ପ୍ରଭୁଙ୍କ ସହିତ ରହିଛନ୍ତି, ସେମାନଙ୍କର ଚିରସ୍ଥାୟୀ ଗୃହରେ, ଯାହା ଅହସ୍ତନିର୍ମିତ, ସେଠାରେ ରହିଛନ୍ତି ।

**ଇହଲୋକରୁ ପ୍ରସ୍ଥାନ କରିବା ଅତୀବ ଶ୍ରେୟସ୍କର**

"ଏ ସମ୍ବନ୍ଧରେ ମୋହର ଏକାନ୍ତ ଆକାଂକ୍ଷା ଓ ଭରସା ଅଛି ଯେ ମୁଁ କୌଣସି ବିଷୟରେ ଲଜ୍ଜିତ ହେବି ନାହିଁ, କିନ୍ତୁ ସର୍ବଦା ଯେଉଁପରି, ଏବେ ମଧ୍ୟ ସେହିପରି ଅତି ସାହସରେ, ଜୀବନରେ ହେଉ ବା ମରଣରେ ହେଉ, ଖ୍ରୀଷ୍ଟଙ୍କୁ ମୋହର ଶରୀରରେ ମହିମାନ୍ୱିତ କରିବି । କାରଣ ମୋ ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁଭୋଗ ଲାଭଜନକ । କିନ୍ତୁ ଶରୀରରେ ଜୀବନଧାରଣ ଯଦି ମୋ ପକ୍ଷରେ ଫଳପ୍ରଦ କାର୍ଯ୍ୟସାଧନ ହୁଏ, ତେବେ ମୁଁ କଅଣ ପସନ୍ଦ କରିବି, ତାହା ଜାଣେ ନାହିଁ । ମୁଁ ଦୁଇଟି ବିଷୟ ଘେନି ମହାସମସ୍ୟାରେ ପଡ଼ିଅଛି, ଇହଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ମୋହର ଇଚ୍ଛା, କାରଣ ତାହା ଅତୀବ ଶ୍ରେୟସ୍କର । ମାତ୍ର ଶରୀରରେ ରହିବା ତୁମ୍ଭମାନଙ୍କ ନିମନ୍ତେ ଅଧିକ ଆବଶ୍ୟକ" (ଫିଲିପୀ ୧:୨୦-୨୪) ।

ଉପରୋକ୍ତ ଦୃଷ୍ଟିରୁ ଆମେ ବିଶ୍ୱାସୀମାନଙ୍କ ନିମନ୍ତେ "ମୃତ୍ୟୁଭୋଗ ଲାଭଜନକ" । ଏଠାରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବା "ଅତୀବ ଶ୍ରେୟସ୍କର" । ମୃତ୍ୟୁ ଏକ ପରାଜୟ ନୁହେଁ । ମୃତ୍ୟୁ ହତାଶାର ସମୟ ହେବା ଉଚିତ ନୁହେଁ । ମୃତ୍ୟୁ ଅତୀବ ଶ୍ରେୟସ୍କର ସ୍ଥାନରେ ପ୍ରବେଶ କରିବାର ବିଷୟ । ପୃଥିବୀରେ ଆମର ସର୍ବାପେକ୍ଷା ଆନନ୍ଦର ମୁହୂର୍ତ୍ତ ଅପେକ୍ଷା ଏହା ବହୁତ ବଡ଼ ଗୌରବର ବିଷୟ । ଖ୍ରୀଷ୍ଟଙ୍କଠାରେ ରହି ମରିଥିବା ଆମର ପ୍ରିୟଜନମାନେ ଆମେ କେବେ ଅନୁଭବ କରି ନ ଥିବା ଅପୂର୍ବ ବିଷୟସବୁକୁ ଅନୁଭବ କରୁଛନ୍ତି । ହଁ, ସେମାନେ ଚାଲିଯିବା ପରେ ସେମାନଙ୍କର ଅନୁପସ୍ଥିତିକୁ ଆମେ ଅନୁଭବ କରିଥାଉ । ଆମର ହୃଦୟ ସେମାନଙ୍କର ସଙ୍ଗତି, ସେମାନଙ୍କର ସହଭାଗିତା ଓ ସେମାନଙ୍କ ସଙ୍ଗେ

ବିତାଇଥିବା ସମୟସବୁକୁ ହରାଇ ବସିଛି । କିନ୍ତୁ ସେହି 'ଯନ୍ତ୍ରଣା', ସେହି 'ଆକାଂକ୍ଷା' ଆମେ ଅନୁଭବ କରୁଛୁ । ଆମର ପ୍ରିୟଜନମାନେ, ଅନ୍ୟପକ୍ଷରେ, ମହାନନ୍ଦରେ ରହିଛନ୍ତି । ସେମାନେ ଖ୍ରୀଷ୍ଟଙ୍କ ସାନିଧ୍ୟରେ ରହିଛନ୍ତି । ଏହି ଦୃଷ୍ଟିରୁ ସେମାନଙ୍କର ପ୍ରସ୍ଥାନ ହେତୁ ଆମର ଦୁଃଖସବୁକୁ ପରିହାର କରି ସେମାନଙ୍କ ଆନନ୍ଦରେ ଆମେ ଆନନ୍ଦିତ ହେବା ଉଚିତ । କାରଣ ତାହା ସେମାନଙ୍କ ନିମନ୍ତେ ଲାଭଜନକ ସାବ୍ୟସ୍ତ ହୋଇଛି ।

## ସ୍ୱର୍ଗ ଏକ ଆଶ୍ଚର୍ଯ୍ୟସ୍ଥାନ

"ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ନ ହେଉ, ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର, ମୋ'ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି; ଯଦି ନ ଥାଆନ୍ତା, ତାହାହେଲେ ମୁଁ ତୁମ୍ଭମାନଙ୍କୁ କହିଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି" (ଯୋହନ ୧୪:୧-୨) ।

"ହେ ପିତା, ତୁମ୍ଭେ ମୋତେ ଯେଉଁମାନଙ୍କୁ ଦେଇଅଛ, ମୁଁ ଯେଉଁଠାରେ ଥାଏ, ସେମାନେ ମଧ୍ୟ ଯେପରି ସେଠାରେ ମୋହର ସହିତ ରହିବେ ଓ ଜଗତର ପତନ ପୂର୍ବେ ତୁମ୍ଭେ ମୋତେ ପ୍ରେମ କରିଥିବାରୁ ମୋତେ ଯେଉଁ ମହିମା ଦେଇଅଛ, ମୋହର ସେହି ମହିମା ସେମାନେ ଯେପରି ଦେଖିବେ, ଏହା ମୋହର ଇଚ୍ଛା" (ଯୋହନ ୧୭:୨୪) ।

ଯୀଶୁଙ୍କଠାରେ ବିଶ୍ୱାସକାରୀଙ୍କ ମଧ୍ୟରୁ ଅଧିକାଂଶ ପ୍ରଭୁଙ୍କୁ ଦେଖିନାହାନ୍ତି ବା ତାଙ୍କର ଶ୍ରାବ୍ୟ ସ୍ୱର ଶୁଣି ନାହାନ୍ତି । ଆମେ ହୁଏତ ତାଙ୍କର ଉପସ୍ଥିତିକୁ କେବଳ ଅନୁଭବ କରିଛୁ, ତାଙ୍କ ଆତ୍ମାଙ୍କ ଚାଳନାକୁ ଅନୁଭବ କରିଛୁ । ଈଶ୍ୱରଙ୍କ ଉତ୍ତମ ବାକ୍ୟ ଓ ଆଗାମୀ ଯୁଗର ଶକ୍ତି ଆସ୍ୱାଦନ କରିଅଛୁ (ଏବ୍ରୀ ୬:୫) । ତେବେ ଖ୍ରୀଷ୍ଟ ବିଶ୍ୱାସୀମାନେ ଯେଉଁ ମୁହୂର୍ତ୍ତରେ ମରନ୍ତି, ସେମାନେ ଯୀଶୁଙ୍କ ସଙ୍ଗେ ରହିବାକୁ ଯାଇଥାନ୍ତି । ସେ ଯେଉଁଠାରେ ଅଛନ୍ତି ସେମାନେ ସେଠାରେ ରହନ୍ତି ଓ ତାଙ୍କର ଗୌରବ ଦର୍ଶନ କରିଥାନ୍ତି । ପ୍ରଭୁ ଯୀଶୁ ସେମାନଙ୍କ ନିମନ୍ତେ ଯେଉଁ ସ୍ଥାନ ପ୍ରସ୍ତୁତ କରିଛନ୍ତି ସେଠାରେ ସେମାନେ ପ୍ରବେଶ କରନ୍ତି । ସେମାନେ ଶୁକ୍ଳବସ୍ତ୍ର ପରିଧାନ କରନ୍ତି (ପ୍ରକା ୩:୫) । ସେମାନେ ଦେଖନ୍ତି ସ୍ୱର୍ଗୀୟ ପ୍ରାଣୀମାନେ ସିଂହାସନୋପବିଷ୍ଟ ନିତ୍ୟଜୀବିତ ବ୍ୟକ୍ତିଙ୍କୁ ଗୌରବ, ସମ୍ଭ୍ରମ ଓ ଧନ୍ୟବାଦ ଦେଇ ଉପାସନା କରୁଛନ୍ତି (ପ୍ରକା ୪:୯) । ସେମାନେ ଏହି ଅଶେଷ ଉପାସନାରେ ଯୋଗଦାନ କରନ୍ତି । ଆମ ପୂର୍ବରୁ ସେଠାକୁ ଯାଇଥିବା ଅଗଣିତ ଲୋକଙ୍କୁ ସେମାନେ ସାକ୍ଷାତ କରନ୍ତି । ସେଠାରେ ଆମର ଜଣା ଅଜଣା ବହୁତ କିଛି ଗୌରବର ବିଷୟ ରହିଛି । ଖ୍ରୀଷ୍ଟଙ୍କଠାରେ ରହି ମରିଥିବା ଆମର ପ୍ରିୟଜନମାନେ ଏବେ ସ୍ୱର୍ଗରେ ଅଛନ୍ତି । ବାସ୍ତବରେ ତାହା ଏକ ଆଶ୍ଚର୍ଯ୍ୟସ୍ଥାନ ।

## ଏହି ସମସ୍ତ ବାକ୍ୟଦ୍ୱାରା ପରସ୍ପରକୁ ସାନ୍ତ୍ୱନା ଦିଅନ୍ତୁ

"କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେ ଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟମଣ୍ଡଳକୁ ନୀତ ହେବୁ; ଏହି ପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ । ଅତଏବ ଏହି ସମସ୍ତ ବାକ୍ୟ ଦ୍ୱାରା ତୁମ୍ଭେମାନେ ପରସ୍ପରକୁ ସାନ୍ତ୍ୱନା ଦିଅ" (୧ଥେସ ୪:୧୬-୧୮) ।

ଆମେମାନେ ଯେପରି ଭରସାଯୁକ୍ତ ହେବା ସେଥିପାଇଁ ପ୍ରଭୁ ଆମମାନଙ୍କ ନିକଟରେ ମୃତ୍ୟୁ, ସ୍ୱର୍ଗ, ପୁନରୁତ୍‌ଥାନ ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ବିଷୟକ ସତ୍ୟସବୁ ପ୍ରକାଶ କରିଛନ୍ତି । ଈଶ୍ୱରଙ୍କ ବାକ୍ୟ ଆଧାରିତ ଏହି ଭରସାକୁ ନେଇ ଆମେ ପରସ୍ପରକୁ ସାନ୍ତ୍ୱନା ଦେବା । ଏହି ସମସ୍ତ ବାକ୍ୟ ଆମ୍ଭମାନଙ୍କୁ ଦିଆଯାଇଛି, ଯେପରି କି ଆମେମାନେ ସାନ୍ତ୍ୱନାପ୍ରାପ୍ତ ହେବା, ପ୍ରଭୁଙ୍କ କାର୍ଯ୍ୟରେ ସୁସ୍ଥିର ଓ ଅଟଳ ରହି ସର୍ବଦା ଅଧିକରୁ ଅଧିକତର ଯତ୍ନବାନ ହେବା (୧କରିନ୍ଥୀ ୧୫:୫୮) । ତଥାପି ଆମେ ଯଦି ଶାସ୍ତ୍ର ବାକ୍ୟସବୁକୁ ବିଶ୍ୱାସ ନ କରିବା ଓ ତଦନୁସାରେ କାର୍ଯ୍ୟ ନ କରିବା ତେବେ ବାକ୍ୟରେ ଥିବା ସାନ୍ତ୍ୱନାକୁ ଆହରଣ କରି ଅନୁଭବ କରିପାରିବା ନାହିଁ । ଧର୍ମଶାସ୍ତ୍ର ଆମମାନଙ୍କୁ ଯାହା ଶିକ୍ଷା ଦିଏ ଆମର ଚିନ୍ତା, ବିଶ୍ୱାସ ଓ ଆଚରଣ ସେସବୁର ଅନୁରୂପ ହେବା ଆବଶ୍ୟକ ।

ଆମ ମଧ୍ୟରେ ଅନେକେ, ଦୁଃଖର ସମୟରେ, ମନୁଷ୍ୟଠାରୁ ସହାନୁଭୂତି ପାଇବାକୁ ଚାହିଁଥାଉ ଏବଂ ଧର୍ମଶାସ୍ତ୍ରର ସାନ୍ତ୍ୱନା ପ୍ରତି କମ୍ ମନୋଯୋଗୀ ହୋଇଥାଉ । ଆମ ପ୍ରତି ଅନ୍ୟମାନେ ଆକର୍ଷିତ ହୋଇଥାନ୍ତି ଓ ଅନେକ ସହାନୁଭୂତିର କଥା କହିଥାନ୍ତି । ତେବେ ଲୋକମାନେ ସବୁ ସମୟରେ ସହାନୁଭୂତି ପ୍ରକାଶ କରିପାରିବେ ନାହିଁ । ଯେତେବେଳେ ଏହା ବନ୍ଦ ହୋଇଥାଏ, ଆମେ ମନେ କରୁ ଯେ କେହି ଆମ ପ୍ରତି ଯତ୍ନଶୀଳ ନୁହନ୍ତି ଓ ଆମେ କେଉଁ ପରିସ୍ଥିତି ମଧ୍ୟ ଦେଇ ଯାଉଛୁ ତାହା କେହି ବୁଝନ୍ତି ନାହିଁ । ତେବେ ସତ୍ୟ ଏହି ଯେ ଭୁଲ ଆମର । ଆମର ଦୁର୍ବଳତା ହେଉଛି ଆମେ ଲୋକମାନଙ୍କର ସହାନୁଭୂତି ଉପରେ ନିର୍ଭରଶୀଳ ମାତ୍ର ଧର୍ମଶାସ୍ତ୍ରର ସାନ୍ତ୍ୱନା ବାକ୍ୟ ଉପରେ ନିର୍ଭର କରୁନାହୁଁ । ଏହି ଦୁର୍ବଳତାକୁ ଆମେ ଜୟ କରିବାକୁ ହେବ । ଆମେ ଈଶ୍ୱରଙ୍କ ବାକ୍ୟ ଧ୍ୟାନ କରିବାକୁ ଏବଂ ତାହାଙ୍କଠାରୁ ଓ ତାଙ୍କ ବାକ୍ୟରୁ ଶକ୍ତି ଆହରଣ କରିବା ପାଇଁ ନିଜକୁ ଶୃଙ୍ଖଳିତ କରିବା ଦରକାର ।

## ଅନୁତ୍ତରିତ ପ୍ରଶ୍ନାବଳୀ

ଏପରି ସମୟମାନଙ୍କରେ, ଅନେକଥର ଅନେକ ପ୍ରଶ୍ନ ଉଠିଥାଏ ଯାହାର ଉତ୍ତର ଦିଆଯାଇ ପାରି ନ ଥାଏ । କାହିଁକି ଜଣେ ଏତେ କମ୍ ବୟସରେ ମରିଗଲା ? କାହିଁକି ଲୋକେ ରୋଗରେ, ଦୁର୍ଘଟଣାରେ ବା କୌଣସି ଦୁର୍ବିପାକରେ ମଲେ ? କାହିଁକି ସେମାନେ ଈଶ୍ୱରଙ୍କ ଶକ୍ତିରେ ସୁସ୍ଥ, ସୁରକ୍ଷିତ ଓ ଉଦ୍ଧାରପ୍ରାପ୍ତ ହେଲେ ନାହିଁ ? କାହିଁକି ? କାହିଁକି ? କାହିଁକି ? ଅସରନ୍ତି ପ୍ରଶ୍ନ । ଈଶ୍ୱରଙ୍କ ସହିତ ଆମର ଚାଲିରେ ଆମେ ପରିପକ୍ୱ ହେଲେ ଆମେ ଶିକ୍ଷା କରୁ ଯେ ଅନେକ ପ୍ରଶ୍ନ ରହିଛି ଯାହାର ଉତ୍ତର ଏବେ ମିଳିବ ନାହିଁ । ଅବଶ୍ୟ ଆମେ ଉତ୍ତର ଦେବାକୁ ଯାଇ କହିପାରୁ- 'ଏ ବିଷୟରେ କିଛି ପ୍ରକାଶ କରାଯାଇନାହିଁ', 'ବିଶ୍ୱାସର ଅଭାବ', ଇତ୍ୟାଦି । ତେବେ ଏସବୁର ଅର୍ଥ ଏହି ଯେ ଆମେ ସେସବୁର ଉତ୍ତର ଜାଣୁନା । ପ୍ରତ୍ୟେକ ପରିସ୍ଥିତିରେ ଅନେକ ପରିବର୍ତ୍ତନୀୟ ବିଷୟ ଥାଏ ଓ ଅନେକ କିଛି ବିଷୟ ଆମର ଅଜଣା ଥାଏ । ବର୍ତ୍ତମାନ ଆମେ ଆଂଶିକ ଭାବରେ ଜାଣୁ, କିନ୍ତୁ ସିଦ୍ଧ ବିଷୟ ଉପସ୍ଥିତ ହେଲେ, ଆମେ ଯେପରି ପରିଚିତ, ସେହିପରି ପରିଚୟ ପାଇବା (୧କରିନ୍ଥୀ ୧୩:୯, ୧୦, ୧୨) ।

"ଗୁପ୍ତ ବିଷୟସବୁ ସଦାପ୍ରଭୁ ଆମ୍ଭମାନଙ୍କ ପରମେଶ୍ୱରଙ୍କ ଅଧିକାର; ମାତ୍ର ଆମ୍ଭେମାନେ ଯେପରି ଏହି ବ୍ୟବସ୍ଥାର ସବୁ ବଚନ ପାଳନ କରିବା, ଏଥିପାଇଁ ପ୍ରକାଶିତ ବିଷୟସବୁ ଯୁଗାନୁକ୍ରମେ ଆମ୍ଭମାନଙ୍କର ଓ ଆମ୍ଭମାନଙ୍କ ସନ୍ତାନଗଣର ଅଧିକାର" (ଦ୍ୱି. ବିବ ୨୯:୨୯) ।

ଏପରି ପ୍ରଶ୍ନଗୁଡ଼ିକର ଯେ ନିର୍ଦ୍ଦିଷ୍ଟ ଉତ୍ତର ନାହିଁ ଏହା ଗ୍ରହଣ କରିନେବା ଆମ ନିମନ୍ତେ ବୁଦ୍ଧିମାନର କାର୍ଯ୍ୟ ହେବ । ତେବେ, ଆମେ ଯାହାସବୁ ଜାଣୁ ତଦନୁସାରେ ଆମେ ଜୀବନ ଯାପନ କରିବା ।

## ଆମେ ଯେ ଯାଏଁ ବଞ୍ଚି ରହିଛୁ

"ଏଣୁ ମଧ୍ୟ ନିବାସୀ ହେଉ ବା ପ୍ରବାସୀ ହେଉ, ତାହାଙ୍କ ନିକଟରେ ସନ୍ତୋଷପାତ୍ର ହେବା ଆମ୍ଭମାନଙ୍କର ଏକାନ୍ତ ବାସନା । କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାରାସନ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ" (୨କରିନ୍ଥୀ ୫:୯,୧୦) ।

"ଅତଏବ,ଏଡ଼େ ବୃହତ୍ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟ କରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ" (ଏବ୍ରୀ ୧୨:୧) ।

ଯେଉଁମାନଙ୍କର ମରଣ ହୋଇସାରିଛି ସେମାନେ ଆମମାନଙ୍କ ନିକଟରେ ସେମାନଙ୍କ ଜୀବନର ସାକ୍ଷ୍ୟ ଛାଡିଯାଇଛନ୍ତି । ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ଯାହା କରିବାର ଥିଲା ସେମାନେ ତାହା ପୂରଣ କରିଛନ୍ତି ଏବଂ ଆଜି, ସେମାନେ ହୁଏତ ସ୍ୱର୍ଗୀୟ ଗ୍ୟାଲେରୀରୁ ଜୀବନର ଦୌଡରେ ଧାବମାନ ଯେ ଆମେମାନେ, ଆମମାନଙ୍କୁ ସେମାନେ ଦେଖୁଛନ୍ତି । ତେଣୁ ଆମ ଈଶ୍ୱର ଆମମାନଙ୍କ ପାଇଁ ଯେଉଁ ପଥ ନିରୂପଣ କରିଛନ୍ତି ସେଥିରେ ଧୈର୍ଯ୍ୟ ସହଜରେ ଦୌଡିବାର ଲକ୍ଷ୍ୟ ଆମେ ରଖିବା । ପ୍ରତ୍ୟେକ ବିଷୟରେ ତାଙ୍କୁ ସନ୍ତୁଷ୍ଟ କରିବାକୁ ଆମେ ପ୍ରୟାସୀ ହେବା । ଆମେ ଏହି ଦୁଃଖ ଓ କ୍ରନ୍ଦନର ଜଗତରେ ରହି ନ ପାରୁ । ଆମେ ଯେଉଁ ସ୍ଥାନରେ ଆମର ପ୍ରିୟଜନମାନଙ୍କୁ ବିଦାୟ ଦେଉ ସେଠାରୁ ବାହାରି ଆସି ଈଶ୍ୱରଙ୍କ ଆହ୍ୱାନ ଅନୁସାରେ ଅଗ୍ରସର ହେବା । ଦିନେ ଆମେ ଆମ ଆଗରୁ ଖ୍ରୀଷ୍ଟରେ ଜୀବନ ଯାପନ କରି ମରିଥିବା ଆମର ପ୍ରିୟଜନମାନଙ୍କ ସହିତ ପ୍ରଭୁଙ୍କ ଛାମୁରେ ଠିଆ ହେବା ଏବଂ ପୃଥିବୀରେ ତାଙ୍କ ରାଜ୍ୟ ନିମନ୍ତେ ଆମେ ଯାହାକିଛି କାର୍ଯ୍ୟ କରିଛୁ ଆମର ସେହି କୃତ କର୍ମାନୁସାରେ ତାଙ୍କଠାରୁ ପୁରସ୍କାର ଗ୍ରହଣ କରିବା । ଯେଉଁମାନେ ଆମମାନଙ୍କ ଆଗରୁ ଯାଇସାରିଛନ୍ତି ସେମାନେ ଆମକୁ ବିଶ୍ୱସ୍ତ ଦେଖନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର୍ ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

**All Peoples Church**
**Bible College & Ministry Training Center**

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ । APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ଆମେମାନେ ସମସ୍ତେ ବିଭିନ୍ନ ସମୟରେ ମୃତ୍ୟୁର ସାମ୍ନା କରିବା ଓ ଆମର କୌଣସି ନା କୌଣସି ପ୍ରିୟଜନମାନଙ୍କୁ ହରାଇବା । ବାଇବଲ ମୃତ୍ୟୁ ଓ ମୃତ୍ୟୁ ପରବର୍ତ୍ତୀ ଜୀବନ ବିଷୟରେ ବର୍ଣ୍ଣନା କରେ। ମୃତ୍ୟୁ ଓ ସ୍ୱର୍ଗ ବିଷୟରେ ବାଇବଲ ଯାହାସବୁ ଶିକ୍ଷାଦିଏ, ତାହା ବିଶ୍ୱାସ କରିବାକୁ ମୁଁ ନିଷ୍ପତ୍ତି ନେଲି। ଏହା ମୋତେ ବଳବାନ୍ କରିଥିଲା ଏବଂ ସାନ୍ତ୍ୱନା, ଶାନ୍ତି, ସାହସ ଓ ଆଶା ପ୍ରଦାନ କରିଥିଲା। ଏହି ପୁସ୍ତକରେ ସେସବୁ ଆପଣମାନଙ୍କୁ ସହଭାଗୀ କରାଇଛି। ଈଶ୍ୱରଙ୍କ ଯେଉଁ ବାକ୍ୟ ମୋତେ ସାନ୍ତ୍ୱନା ପ୍ରଦାନ କରିଛି ଆପଣମାନଙ୍କୁ ମଧ୍ୟ ଆବଶ୍ୟକ ସମୟରେ ତାହା ସାନ୍ତ୍ୱନା ପ୍ରଦାନ କରୁ ବୋଲି ମୁଁ କାମନା କରେ।

ଆଶିଷ୍ ରାଇଚୁର୍